# ଭୁବନେଶ୍ୱର ଆଇଆଇଆଇଟିରେ ଆସନ୍ତାମାସରୁ ପାଠପଢ଼ା

Samaj
23rd Dec
2007

ଭୁବନେଶ୍ୱର, ତା୨୨।୧୨ (ତଥ୍ୟ)– ଇଣ୍ଟରନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇନ୍‌ଫରମେସନ ଟେକ୍ନୋଲୋଜି (ଆଇଆଇଆଇଟି) ଭୁବନେଶ୍ୱରରେ ଆଗାମୀ ମାସଠାରୁ ପାଠପଢା ଆରମ୍ଭ ହେବ ବୋଲି ଜଣାଯାଇଛି । ଏଥିପାଇଁ ଆଗାମୀ ସପ୍ତାହରେ ନାମଲେଖା ନିମନ୍ତେ ବିଜ୍ଞାପନ ଜାରି କରାଯିବ ।

ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ଏହି ବିଶ୍ୱସ୍ତରୀୟ ଶିକ୍ଷାୟତନରେ କମ୍ପ୍ୟୁଟର ଇଂଜିନିୟରିଂରେ ଏମ୍.ଟେକ୍ ଡିଗ୍ରୀ ପ୍ରଦାନ କରାଯିବ । ଏ.ଆଇ.ସି.ଟି.ଇ ପକ୍ଷରୁ ୨୪ଟି ସ୍ଥାନ ପାଇଁ ଅନୁମତି ମିଳିବା ପରେ ଶିକ୍ଷାୟତନ ପକ୍ଷରୁ ନାମଲେଖା ପାଇଁ ବିଜ୍ଞାପନ ଜାରି କରାଯାଇଛି । ଶିକ୍ଷାଦାନ ନିମନ୍ତେ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟଗୁଡିକରୁ ପ୍ରଫେସରମାନଙ୍କୁ ଏହି ଶିକ୍ଷାୟତନରେ ସଂଯୁକ୍ତ ଓ ପରିଦର୍ଶନକାରୀ ପ୍ରଫେସର ଭାବରେ ନିଯୁକ୍ତି ଦିଆଯାଇଛି ।

ଆଇଆଇଆଇଟିର ସ୍ଥାୟୀ ପ୍ରାଧ୍ୟାପକ ଭାବରେ ଡକ୍ଟର ଗୋପାଳକୃଷ୍ଣ ନାୟକ ଓ ପ୍ରଫେସର ଅଜିତ୍ କୁମାର ଦାସ ଯୋଗଦେଇଥିବାବେଳେ ସଂଯୁକ୍ତ ଓ ପରିଦର୍ଶନକାରୀ ପ୍ରାଧ୍ୟାପକ ଭାବରେ ଆରିଜୋନା ଷ୍ଟେଟ୍ ଇୟୁନିଭରସିଟିର ପ୍ରଫେସର ଚିତ୍ତ ବରାଳ, ଇୟୁନିଭରସିଟି ଅଫ୍ ଟେକ୍ସାସ୍, ଅଷ୍ଟିନ୍‌ର ପ୍ରଫେସର ଜୟଦେବ ମିଶ୍ର, ଇୟୁନିଭରସିଟି ଅଫ୍ କାଲିଫର୍ଣ୍ଣିଆର ପ୍ରଫେସର ଏଲ.ଏନ୍.ଭୂୟାଁ, ଇୟୁନିଭରସିଟି ଅଫ୍ ନର୍ଥ ଟେକସାସ୍‌ର ପ୍ରଫେସର ସରଜୁ ପ୍ରସାଦ ମହାନ୍ତି, ନିୟୁଜର୍ସି ଇନିଷ୍ଟିଚ୍ୟୁଟ ଅଫ୍ ଟେକ୍‌ନୋଲୋଜିର ପ୍ରଫେସର ଦୁର୍ଗା ମିଶ୍ର, ଇୟୁନିଭରସିଟି ଅଫ୍ କାଲିଫର୍ଣ୍ଣିଆର ପ୍ରଫେସର ପ୍ରଶାନ୍ତ ମହାପାତ୍ର, ଇୟୁନିଭରସିଟି ଅଫ୍ ଟେକ୍ସାସର ପ୍ରଫେସର ଗୌତମ ଦାଶ ଓ ପ୍ରଫେସର ରବି ମହାପାତ୍ର ପ୍ରମୁଖ ଯୋଗ ଦେଇଛନ୍ତି ।

ବିଶ୍ୱସ୍ତରୀୟ ଶିକ୍ଷାୟତନ ଗୁଡିକରେ ଏହି ପ୍ରାଧ୍ୟାପକମାନେ ଶିକ୍ଷାଦାନ କରୁଥିବା ଦୃଷ୍ଟିରୁ ଏହା ଆଇଆଇଆଇଟିରେ ଯୋଗ ଦେଉଥିବା ଛାତ୍ରଛାତ୍ରୀଙ୍କ ପାଇଁ ବେଶ୍ ସହାୟକ ହେବ ବୋଲି ଶିକ୍ଷାବିତ୍‌ମାନେ ଆଶା ପ୍ରକାଶ କରୁଛନ୍ତି । ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର (ଓକାକ) ସୌଧରେ ଚଳିତବର୍ଷଠାରୁ ଶିକ୍ଷାଦାନ ଆରମ୍ଭ ହେଉଛି । ଅନୁଷ୍ଠାନର ସ୍ଥାୟୀ ଭବନ ନିର୍ମାଣ ପର୍ଯ୍ୟନ୍ତ ଏଠାରେ ଶିକ୍ଷାଦାନ କରାଯିବ । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ରାଜଧାନୀର ଉପକଣ୍ଠରେ ଗୋଠପାଟଣାଠାରେ ଏହି ଅନୁଷ୍ଠାନକୁ ୨୩ ଏକର ଜମି ପ୍ରଦାନ କରାଯାଇଛି । ପ୍ରାୟ ୫୦କୋଟି ଟଙ୍କା ବ୍ୟୟରେ ଶିକ୍ଷାୟତନର ସ୍ଥାୟୀ ଭବନ ନିର୍ମାଣ କରାଯିବ ।

ଏଆଇସିଟିଇ ପକ୍ଷରୁ ଅନୁମୋଦନ ମିଳିବା ପରେ ଶିକ୍ଷାୟତନ କର୍ତ୍ତୃପକ୍ଷ ବିଜୁ ପଟ୍ଟନାୟକ ଇୟୁନିଭରସିଟି ଅଫ୍ ଟେକ୍ନୋଲୋଜି (ବିପିୟୁଟି) ସହ ଅନୁବନ୍ଧନ ନିମନ୍ତେ ଆବେଦନ କରିଛନ୍ତି । ବିପିୟୁଟି କର୍ତ୍ତୃପକ୍ଷଙ୍କଠାରୁ ଆଗାମୀ ସପ୍ତାହରେ ଏହି ଅନୁମୋଦନ ମିଳିଯିବ ବୋଲି କର୍ତ୍ତୃପକ୍ଷ ଆଶାନ୍ୱିତ; ଯଦିଓ ଜୁଲାଇ ମାସଠାରୁ ଶିକ୍ଷା ବର୍ଷ ଆରମ୍ଭ ହୋଇଥାଏ କିନ୍ତୁ ଅନୁଷ୍ଠାନ ପ୍ରତିଷ୍ଠା କ୍ଷେତ୍ରରେ ବିଳମ୍ବ ହେବା ଯୋଗୁଁ ଏଥର ଜାନୁୟାରୀ ମାସର ଶେଷ ସପ୍ତାହ ସୁଦ୍ଧା ପାଠପଢ଼ା ଆରମ୍ଭ କରାଯିବ ।

ଦୁଇ ବର୍ଷିଆ ଏମ୍.ଟେକ ଡିଗ୍ରୀ ହାସଲ ପାଇଁ ଜଣେ ଶିକ୍ଷାର୍ଥୀଙ୍କୁ ପ୍ରାୟ ୨ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡିବ । ଆଗାମୀ ବର୍ଷଠାରୁ ସୂଚନା ପ୍ରଯୁକ୍ତି ବିଦ୍ୟାରେ ଏମ୍.ଟେକ୍ ଡିଗ୍ରୀ ମଧ୍ୟ ଏହି ଅନୁଷ୍ଠାନରେ ଆରମ୍ଭ କରାଯିବା ପାଇଁ ପଦକ୍ଷେପ ନିଆଯିବ ବୋଲି ଜଣାଯାଇଛି ।